Bhanjabhumi Krushak Katha

## ପଦଚାଳିତ ଧାନଅମଳ ଯନ୍ତ୍ର ବ୍ୟବହାର ଦ୍ୱାରା ଖର୍ଚ୍ଚ, ସମୟ ଓ ପରିଶ୍ରମ କମ୍ ହୋଇଥାଏ

## ପିଣ୍ଡ ବିହନ ଉତ୍ପାଦନ ପାଇଁ ପଦକ୍ଷେପ

୨୦୨୪-୨୫ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ର ଶୈକ୍ଷିକ ଫାର୍ମ ପରିସରରେ ୧୩ ହେକ୍ଟର ପରିମିତ ଜମିରେ ୬୨୯ କ୍ୱିଣ୍ଟାଲ କଳାଚମ୍ପା କିସମର ପିଣ୍ଡ ବିହନ ଉତ୍ପାଦନ କରାଯାଇଥିଲା। ଯାହାର ହାରାହାରି ଉତ୍ପାଦନ କ୍ଷମତା ୪୮ କ୍ୱିଣ୍ଟାଲ ପ୍ରତି ହେକ୍ଟର ହୋଇଥିଲା। ଏହି ଉତ୍ପାଦିତ ବିହନକୁ ଶ୍ୟାମାଖୁଣ୍ଟା ତଥା ତାହାର ଆଖପାଖ ଏବଂ ମୟୁରଭଞ୍ଜ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳର ଚାଷୀ ଭାଇ-ଭଉଣୀମାନଙ୍କୁ ନିର୍ଦ୍ଧାରିତ ସରକାରୀ ମୂଲ୍ୟରେ ବିତରଣ କରାଯାଇଥିଲା। ସେହିଭଳି ଚଳିତ ବର୍ଷ ଖରିଫ ଋତୁରେ ୧୩ ହେକ୍ଟର ଜମିରେ କଳାଚମ୍ପା କିସମର ପିଣ୍ଡ ବିହନ ଉତ୍ପାଦନ କାର୍ଯ୍ୟ ଚାଲିଅଛି। ଏହି କାର୍ଯ୍ୟକ୍ରମରେ ୬୫୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ପିଣ୍ଡ ବିହନ ଉତ୍ପାଦନ ଆକଳନ କରାଯାଇଛି।



## ବିଶ୍ୱଖାଦ୍ୟ ଦିବସ ପାଳନ

କୃଷିବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ଦ୍ୱାରା କୁଳିଅଣା ବ୍ଲକ୍‌ସ୍ଥିତ ଆନିଆପାଳ ଗ୍ରାମଠାରେ ଅକ୍ଟୋବର ୧୬ ତାରିଖରେ ବିଶ୍ୱ ଖାଦ୍ୟ ଦିବସ ପାଳନ କରାଯାଇଅଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଂଘମିତ୍ରା ପଟ୍ଟନାୟକ ଅଧ୍ୟକ୍ଷତା କରିବା ସହିତ ବିଶ୍ୱ ଖାଦ୍ୟ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ରର ଗୃହବିଜ୍ଞାନୀ ଡଃ ଝୁନିଲତା ଭୂୟାଁ ମନୁଷ୍ୟ ଶରୀରରେ ସୁକ୍ଷମଖାଦ୍ୟର ଆବଶ୍ୟକତା ଅନୁଯାୟୀ ଫଳ ଓ ପନିପରିବାର ଉପାଦେୟତା ପାଇଁ ଘରବାଡ଼ିରେ ପୋଷଣ ବଗିଚା କରି ପରିବାରର ଅପପୁଷ୍ଟିକୁ ଦୂର କରିବା ସମ୍ପର୍କରେ ମହିଳାମାନଙ୍କୁ ଅବଗତ କରାଇଥିଲେ। କେନ୍ଦ୍ରର ପାଣିପାଗ ବିଶେଷଜ୍ଞ ଡଃ ଜ୍ୟୋତିପ୍ରକାଶ ମିଶ୍ର କୃଷି ଉତ୍ପାଦନ କ୍ଷେତ୍ରରେ ପରିବର୍ତ୍ତିତ ପାଣିପାଗ ବିଭାଗଗ ସହିତ ଏହାକୁ କିପରି ଖାପଖୁଆଇ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଚାଷୀମାନଙ୍କ ସହିତ କୁଚେଇ ଗ୍ରାମସେବକ ସୁମନ୍ତ କୁମାର ସଲେଙ୍ଗୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।




## ଦକ୍ଷତାଭିତ୍ତିକ ତାଲିମ କାର୍ଯ୍ୟକ୍ରମ

ଓଡ଼ିଶା ସରକାରଙ୍କର ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (OMBADC) ଅନୁଦାନପ୍ରାପ୍ତ CBSAE ଉନ୍ନୟନ ପ୍ରକଳ୍ପ ମାଧ୍ୟମରେ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ଦ୍ୱାରା ବିଭିନ୍ନ ଦକ୍ଷତା ଭିତ୍ତିକ ତାଲିମ କାର୍ଯ୍ୟକ୍ରମ କରାଯାଉଅଛି। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ରେ ଅଦ୍ୟାବଧି କୁକୁଡ଼ାପାଳନ, ମାଛ ଯାଆଁଳ ଉତ୍ପାଦନ, ଛତୁଚାଷ, ଛତୁ ମଞ୍ଜି ଉତ୍ପାଦନ, ପନିପରିବା ଉତ୍ପାଦନ, ମହୁଚାଷ ଓ ଫୁଲଚାଷ ଇତ୍ୟାଦି କୃଷି ଉଦ୍ୟୋଗଭିତ୍ତିକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତନ୍ମଧ୍ୟରୁ ୧୨ଟି କୃଷକ ଓ କୃଷିଜୀବି ମହିଳାମାନଙ୍କ ନିମନ୍ତେ ଏବଂ ସେବାଭୁକ୍ତ କର୍ମଚାରୀଙ୍କ ନିମନ୍ତେ ୧୧ଟି ବ୍ୟବସାୟଭିତ୍ତିକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗୀ ମାନଙ୍କୁ ବୈଜ୍ଞାନିକମାନେ ବ୍ୟବସାୟିକ ତାଲିମ ସହିତ ସଫଳ ଚାଷୀଙ୍କ କ୍ଷେତ୍ରକୁ ପରିଭ୍ରମଣରେ ମଧ୍ୟ ନିଆଯାଉଛି। କୃଷି ଉଦ୍ୟୋଗ ନିମନ୍ତେ ବିଭିନ୍ନ ପ୍ରକାର ପରିଦର୍ଶନ କ୍ଷେତ୍ର ଚାଷୀଙ୍କ ଜ୍ଞାନକୌଶଳକୁ ବଢାଇବା ପାଇଁ କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ପରିସରରେ ସ୍ଥାପନ କରାଯାଉଛି, ଯାହା ଦ୍ୱାରା ଆଗାମୀ ଦିନରେ ଚାଷୀଭାଇ ଓ ଭଉଣୀମାନେ ବିଭିନ୍ନ ଉଦ୍ୟୋଗ ଆପଣେଇ ସ୍ୱାବଲମ୍ବୀ ହୋଇପାରିବେ।




## ଆମ ପରିବାର

**ପ୍ରମୁଖ ସଂପାଦକ**

ଡ. ସଂଘମିତ୍ରା ପଟ୍ଟନାୟକ, ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**କାର୍ଯ୍ୟକାରୀ ସଂପାଦକ**

ଡ. ଜଗନ୍ନାଥ ପାତ୍ର

**ସହାୟତା:**

ଡ. ଝୁନିଲତା ଭୂୟାଁ, ଡ. ଗୋବିନ୍ଦ ଚନ୍ଦ୍ର ଧଳ
ଡ. ପ୍ଲାବିତା ରାୟ, ଡ. ଜ୍ୟୋତିପ୍ରକାଶ ମିଶ୍ର
ଶ୍ରୀ ଜୀବନ କୁମାର ବିଶ୍ୱାଳ
ଶ୍ରୀ ଅଂଶୁମାନ ଦେବାଶିଷ ନାୟକ
ଶ୍ରୀମତୀ ସୌଦାମିନି ପ୍ରଧାନ
ଶ୍ରୀ ସିଦ୍ଧାର୍ଥ ସର୍ଦ୍ଦାର
ଶ୍ରୀ ବିକ୍ରମ କେଶରୀ ବେହେରା
ଶ୍ରୀ ଶ୍ରୀକାନ୍ତ ସାହୁ



**ଯୋଗାଯୋଗ:**

କୃଷିବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା
ସା/ପୋ: ଶ୍ୟାମାଖୁଣ୍ଟା - ୭୫୭୦୪୯
ଫୋନ: ୯୪୩୭୧୪୭୯୩୪
E-mail: kvkmayurbhanj1.ouat@gmail.com
www.kvkmayurbhanj.org.in


**Subscribe to our official Youtube Channel**
**Senior scientist and Head, KVK, Mayurbhanj-1**


This News letter is Printed, Published & Owned by Senior Scientist and Head, KVK, Mayurbhanj-I, Shyamakhunta, Dist: Mayurbhanj, Odisha, Pin: 757049, Phone: 06792-211555, e-mail:kvkmayurbhanj1.ouat@gmail.com, Web: www.kvkmayurbhanj.org.in, Printed at : Ankita Graphics, BBSR, Cell:9437077337
**Chief Editor:** Dr. Sanghamitra Patnaik

2025110575
**OUAT Publication: No. 2025110575**






# ଭଞ୍ଜଭୂମି କୃଷକ କଥା

# The Bhanjbhumi Krushak Katha


କୃଷି ବିଜ୍ଞାନ କେନ୍ଦ୍ର
ମୟୁରଭଞ୍ଜ-୧, ଶ୍ୟାମାଖୁଣ୍ଟା

ସମ୍ବାଦ, ସନ୍ଦେଶ, ସାଫଲ୍ୟର ସବୁଜ ସୂଚନା
Quarterly Newsletter

Krishi Vigyan Kendra
Mayurbhanj-1, Shyamakhunta

ଊନବିଂଶତମ ପ୍ରତିବେଦନ — ଡିସେମ୍ବର ୨୦୨୫


## କୁଳପତିଙ୍କ ବାର୍ତ୍ତା



**ପ୍ରଫେସର ପ୍ରଭାତ କୁମାର ରାଉଳ**
**କୁଳପତି**

କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧, ୨୦୦୫ ମସିହାଠାରୁ ଜିଲ୍ଲାର କୃଷକମାନଙ୍କର ସାମଗ୍ରିକ ଉନ୍ନତି ନିମନ୍ତେ ନିରନ୍ତର ଉଦ୍ୟମ କରିଆସୁଛି। ବଣଜଙ୍ଗଲଘେରା ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ମୟୂରଭଞ୍ଜ ଜିଲ୍ଲାର ଅଧିବାସୀମାନେ ଜୀବନଜୀବିକା ନିମନ୍ତେ ମୁଖ୍ୟତଃ କୃଷି, ପଶୁପାଳନ ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ସେମାନଙ୍କର ସାମାଜିକ ଓ ଆର୍ଥିକ ସ୍ଥିତିରେ ଉନ୍ନତି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦାନ କରାଯାଉଥିବା ତାଲିମ୍, କ୍ଷେତ୍ର ପରୀକ୍ଷଣ, ଆଗୁଆ ଧାଡ଼ି ପ୍ରଦର୍ଶନ ଆଦି ବାସ୍ତବିକ ପ୍ରଶଂସନୀୟ।

ଏହି ପରିପ୍ରେକ୍ଷୀରେ, କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ତରଫରୁ 'ଭଞ୍ଜଭୂମି କୃଷକ କଥା'ର ଊନବିଂଶତମ ସଂଖ୍ୟା ପ୍ରକାଶିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ। ଆଶା କରୁଛି, ଏହି ପତ୍ରିକାଟି କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତି ବିଶେଷଙ୍କ ନିମନ୍ତେ ବିଶେଷ ଉପାଦେୟ ହୋଇପାରିବ।

ମୁଁ ଏହି ପତ୍ରିକାଟିର ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

(ପ୍ରଭାତ କୁମାର ରାଉଳ)

## ସଂପ୍ରସାରଣ ଶିକ୍ଷା ଅଧକ୍ଷଙ୍କ ବାର୍ତ୍ତା



**ପ୍ରଫେସର ପ୍ରଶନ୍ନଜିତ ମିଶ୍ର**
**ଅଧକ୍ଷ, ସଂପ୍ରସାରଣ ଶିକ୍ଷା**

କୃଷି ଓ କୃଷକଙ୍କ ପ୍ରଗତି ନିମନ୍ତେ ଗବେଷଣାଲବ୍ଧ ନୂତନ ଜ୍ଞାନକୌଶଳର ଆଦୃତି ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ସଦାସର୍ବଦା କାର୍ଯ୍ୟ କରିଆସୁଛି। ଏଥିମଧ୍ୟରେ ଆଦିବାସୀ ଅଧୁଷିତ ମୟୂରଭଞ୍ଜ ଜିଲ୍ଲାର ପ୍ରଥମ କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଣ୍ଟା ୨୦୦୫ ମସିହାରୁ କାର୍ଯ୍ୟ କରି ଦୀର୍ଘ ୧୯ ବର୍ଷରେ ଏହି ପଥରେ ଅନେକ ଉତ୍କର୍ଷତା ପ୍ରତିପାଦିତ କରିପାରିଛି। ବିଶେଷ କରି କୃଷି ଓ ଆନୁସଙ୍ଗିକ କ୍ଷେତ୍ରର ବିଭିନ୍ନ ଶାଖା ମୁଖ୍ୟତଃ କୁକୁଡ଼ା ପାଳନ, ଛତୁ ଚାଷ, ଧାନ ବିହନ ଉତ୍ପାଦନ, ପାକଶାଳା ବଗିଚା, କୃଷି ଯାନ୍ତ୍ରିକରଣ, ଜୈବିକ କୃଷି, ପନିପରିବା ଚାରା ଉତ୍ପାଦନ, ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ଆଦି କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିପାରିଛି। ମୁଖ୍ୟତଃ ଚାଷୀଭାଇମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ ସମନ୍ୱିତ ଜ୍ଞାନକୌଶଳର ପ୍ରୟୋଗ ପାଇଁ ନୂତନ ସଂପ୍ରସାରଣ ପଦ୍ଧତିକୁ ଅବଲମ୍ବନ କରି ଚାଷୀ ଭାଇଭଉଣୀମାନଙ୍କ ପାଖରେ ପହଞ୍ଚିବାରେ ଏହି କେନ୍ଦ୍ର ସକ୍ଷମ ହୋଇପାରିଛି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କୃଷି ବିଜ୍ଞାନ କେନ୍ଦ୍ରମାନଙ୍କ ମଧ୍ୟରେ ମୟୂରଭଞ୍ଜ-୧ର ଏହି କେନ୍ଦ୍ର ରାଜ୍ୟ ଏବଂ ଜାତୀୟ ସ୍ତରରେ ଏକ ଉତ୍କୃଷ୍ଟ କେନ୍ଦ୍ର ରୂପେ ପ୍ରତିଷ୍ଠା ଲାଭ କରିଛି। ଏବେ ଓଏମ୍‌ବିଏଡିସି ପ୍ରକଳ୍ପ ମାଧ୍ୟମରେ ଏହି କେନ୍ଦ୍ରର ଅନେକ ଆଧୁନିକୀକରଣ ଏବଂ ନୂତନ ପ୍ରଦର୍ଶନ କେନ୍ଦ୍ରର ସ୍ଥାପନ ହେଉଥିବାରୁ ଚାଷୀ ଭାଇଭଉଣୀମାନେ ଆଗାମୀ ଦିନରେ ଏଥିରୁ ଅନେକ ସୁଫଳ ପାଇପାରିବେ।

ଇତ୍ୟବସରରେ ଏହି କେନ୍ଦ୍ରରୁ ସଫଳତାର ସୂତ୍ରକୁ ନେଇ ପତ୍ରିକା "ଭଞ୍ଜଭୂମି କୃଷକ କଥା'ର ଊନବିଂଶତମ ପ୍ରତିବେଦନର ପ୍ରକାଶନ ଉପଲକ୍ଷେ କେନ୍ଦ୍ର ପାଇଁ ଅନେକ ସାଧୁବାଦ ଏବଂ ଚାଷୀ ଭାଇଭଉଣୀମାନଙ୍କର ବିକାଶ କାମନା କରୁଛି।

ଅଧକ୍ଷ, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ

## ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟଙ୍କ କଲମରୁ...



**କୃଷି ବିଜ୍ଞାନ କେନ୍ଦ୍ରର ନିଜକଥା**

୨୦୦୫ ମସିହାରେ ସ୍ଥାପନ ହୋଇଥିବା ଆମର ଏହି କେନ୍ଦ୍ର ଇତି ମଧ୍ୟରେ ୨୦ ବର୍ଷରେ ପଦାର୍ପଣ କରିଛି। ଏହାର କାୟାକଳ୍ପରେ ଅନେକ ପରିବର୍ତ୍ତନ ଆସିଛି। ଏଠାରେ ନୂତନ କୃଷକ ନିବାସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ଭବନ, କନ୍ଫରେନ୍ସ ହଲ ଏବଂ ଅନେକ କୃଷିଉଦ୍ୟୋଗ ଯେପରିକି ଛତୁ ମଞ୍ଜି ଉତ୍ପାଦ, କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ର, ବାୟୋଫ୍ଲକ ମାଛ ଚାଷ, କୃଷି ଯନ୍ତ୍ରପାତି ହବ୍, ଘୁଷୁରୀ ପାଳନ, ମହୁମାଛି ପାଳନ, ଉନ୍ନତ ଚାରା ପ୍ରସ୍ତୁତି ଆଦି ଉଦ୍ୟୋଗ ନିର୍ମାଣ କାର୍ଯ୍ୟ ତ୍ୱରିତ ବେଗରେ ଚାଲିଛି ଏଥିସହିତ ଛେଳିପାଳନ ଏବଂ ପାକଶାଳା ବଗିଚା ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି। ଖୁବ ଶୀଘ୍ର ଏହି କୃଷି ଉଦ୍ୟୋଗ ଗୁଡ଼ିକ କାର୍ଯକାରୀ ହେବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ଓମ୍ଫାଡ଼ିସି ପ୍ରକଳ୍ପ ଓ ଭାରତୀୟ କୃଷି ଅନୁସନ୍ଧାନ ପରିଷଦରୁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଅନୁଦାନ ଦେଇଛନ୍ତି ଏବଂ ଏହି ୟୁନିଟ୍ ଗୁଡିକ କାର୍ଯ୍ୟକ୍ଷମ ହେଲେ ଆମ ଜିଲ୍ଲାର ଚାଷୀମାନେ ନିଶ୍ଚିତରୂପେ ଉପକୃତ ହେବେ।

ଜିଲ୍ଲାର ୧୪ଟି ବ୍ଲକରେ କୃଷି ବିଜ୍ଞାନ କେନ୍ଦ୍ର କୃଷକ ଓ କୃଷିଜୀବି ମହିଳା, ଅର୍ଦ୍ଧଶିକ୍ଷିତ ଯୁବକ ଯୁବତୀ ଏବଂ କୃଷି ସଂପ୍ରସାରଣ ଅଧିକାରୀମାନଙ୍କ ପାଇଁ ତାଲିମ କାର୍ଯକ୍ରମ (ସ୍ୱଳ୍ପ ଏବଂ ଦୀର୍ଘସୂତ୍ରୀ ତାଲିମ), ନୂତନ ଜ୍ଞାନ କୌଶଳର ପରୀକ୍ଷଣ ଏବଂ ପ୍ରଦର୍ଶନ ଆୟୋଜନ କରି କୃଷି ଏବଂ ଆନୁସଙ୍ଗିକ କୃଷିର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଏଠାରେ ତାଲିମ ଗ୍ରହଣକରି ଅନେକ ଯୁବକ ଯୁବତୀ ଛତୁଚାଷ, କୁକୁଡ଼ା ପାଳନ, ତଳିଘେରାରେ ପନିପରିବା ଚାରା ଉତ୍ପାଦନ ଏବଂ ସମନ୍ୱିତ ଚାଷପଦ୍ଧତି ଆପଣେଇ ନିଜ ନିଜ ଅଂଚଳରେ ପରିଚିତ ଲାଭ କରିପାରିଛନ୍ତି। ସାରା ରାଜ୍ୟରେ ଧାନ ପିଣ୍ଡ ବିହନ ଉତ୍ପାଦନ କ୍ଷେତ୍ରରେ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ ଏକ ଉତ୍କର୍ଷ କେନ୍ଦ୍ରରୂପେ ପରିଗଣିତ ହେଉଛି। ରାଜ୍ୟ ତଥା କେନ୍ଦ୍ର ସରକାରଙ୍କର ଅନେକ ଗୁଡ଼ିଏ ପ୍ରକଳ୍ପ ଏଠାରେ କାର୍ଯ୍ୟକାରୀ ହେଉଛି। 'ପଲସ ସିଡ ହବ' ପ୍ରକଳ୍ପ ଦ୍ୱାରା ଡାଲି ଫସଲର ଉତ୍ପାଦନ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। କୃଷକମାନଙ୍କୁ ଆମ କେନ୍ଦ୍ର ତରଫରୁ ନିରନ୍ତର କୃଷି ମାର୍ଗଦର୍ଶିକା ସାପ୍ତାହିକ ଦୁଇଥର (ମଙ୍ଗଳ ଏବଂ ଶୁକ୍ରବାର) ପ୍ରେରଣ କରାଯାଉଛି। ୨୦୨୫-୨୬ ବର୍ଷରେ ଆମ କାର୍ଯ୍ୟାଳୟରେ ଜିଲ୍ଲାର ଅର୍ଦ୍ଧଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଉନ୍ନତ ଫୁଲଚାଷ ଓ ଫୁଲ ଉତ୍ପାଦନ ସମ୍ବନ୍ଧରେ ଏକ ଛଅ ମାସିଆ ପାଠକ୍ରମ ପ୍ରଣୟନର ବ୍ୟବସ୍ଥା କରାଯାଇଛି।

ଏହି ସମାଚାର ପତ୍ରିକା 'ଭଞ୍ଜଭୂମି କୃଷକ କଥା'ର ପ୍ରକାଶନ ଅବସରରେ ଜିଲ୍ଲାର ଚାଷୀଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜ୍ଞାପନ କରି ମୟୁରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ଅଧିଷ୍ଠାତ୍ରୀ ଦେବୀ ମା' କିଚେକେଶ୍ୱରୀଙ୍କ ନିକଟରେ ପ୍ରାର୍ଥନା ଜଣାଉଛି।

ସଂଘମିତ୍ରା ପଟ୍ଟନାୟକ

(ସଂଘମିତ୍ରା ପଟ୍ଟନାୟକ)

## ଧାନ ଫସଲରେ ବରଦାନ, ବ୍ୟବହାର କରିବା କିଷାନ ଡ୍ରୋନ

ଫସଲରେ ସାଧାରଣତଃ ଚାଷୀମାନେ ଔଷଧ ସିଞ୍ଚନ କରିବା ପାଇଁ ବ୍ୟାଟେରୀ ଚାଳିତ ନାପସାକ ସ୍ପ୍ରେୟାର ବ୍ୟବହାର କରିଥାନ୍ତି। ଏଥିରେ ୧୫ ଲିଟର ପାଣିଟାଙ୍କିକୁ ପିଠିରେ ପକାଇ ଚାଲିଚାଲି ଫସଲରେ ସିଞ୍ଚନ କରିଥାନ୍ତି ଓ ଏକ ଏକର ଧାନ ଫସଲରେ ସିଞ୍ଚନ କରିବା ପାଇଁ ୩-୪ ଘଣ୍ଟା ଲାଗିଥାଏ। ଜମି ଭିତରେ ଟାଙ୍କି ସହିତ ଚାଲିଚାଲି ସିଞ୍ଚନ କାର୍ଯ୍ୟ କରିବା କଷ୍ଟ ଓ ଫସଲ ଭିତରେ ଥିବା ବିଷାକ୍ତ ସରୀସୃପଙ୍କ ବିପଦ ଥାଏ। ଏହିସବୁ ଅସୁବିଧାଗୁଡ଼ିକୁ ଆଖିଆଗରେ ରଖି କୃଷିବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧, ଶ୍ୟାମଖୁଣ୍ଟା ତରଫରୁ, ଏହି ବର୍ଷ ଖରିଫ ଋତୁରେ ଧାନ ଫସଲରେ କିଷାନ ଏଗ୍ରି-ଡ୍ରୋନର କ୍ଷେତ୍ର ପ୍ରଦର୍ଶନ, ଚାଷୀଙ୍କ ଜମିରେ କରାଯାଇଥିଲା। ଜିଲ୍ଲାର ୪ଟି ବ୍ଲକ୍ କୁଳିଅଣା,



ବଡ଼ସାହି, ଶ୍ୟାମାଖୁଣ୍ଟା ଓ ଶୁଳିଆପଦା ବ୍ଲକ୍‌ରେ ଧାନରେ କାଣ୍ଡବିନ୍ଧା ପୋକର ଦମନ କରିବା ପାଇଁ ଫିପ୍ରୋନିଲ ଏକର ପ୍ରତି ୪୦୦ ମି.ଲି. ହିସାବରେ ୯.୬ ଲିଟର ପାଣି ମିଶାଇ, ଡ୍ରୋନ ଦ୍ୱାରା ସିଞ୍ଚନ ହୋଇଥିଲା। ଏକ ଏକର ଧାନ ଫସଲରେ ସିଞ୍ଚନ କରିବା ପାଇଁ ୯.୫ ମିନିଟ୍ ସମୟ ଲାଗିଥିଲା ଓ ଗଛର ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ ଭାଗରେ ସିଞ୍ଚନ ହୋଇଥିଲା। ଔଷଧ ଓ ପାଣିର ମିଶ୍ରଣକୁ ଡ୍ରୋନ, ମାଇକ୍ରୋ ଜଳକଣାରେ ପରିଣତ କରୁଥିବାରୁ ଏହା ଗଛର ସମସ୍ତ ଭାଗରେ ଲାଖି ରହିଥାଏ ଓ ଅପଚୟ ହୋଇନଥାଏ। ଫଳରେ ମାଟି ପ୍ରଦୂଷଣ ହୋଇନଥାଏ। ଏଥିରେ ଔଷଧ ସିଞ୍ଚନ କରିବା ପାଇଁ ଏକର ପ୍ରତି ୩୫୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଯେହେତୁ ଏହା ବ୍ୟାଟେରୀ ଦ୍ୱାରା ଚାଳିତ ହୋଇଥାଏ, ତେଣୁ ବାୟୁ ପ୍ରଦୂଷଣ ମଧ୍ୟ ହୋଇନଥାଏ। ତେଣୁ ଆଗାମୀ ଦିନରେ ସମସ୍ତ ଫସଲରେ ଚାଷୀଭାଇମାନେ କିଷାନ ଏଗ୍ରି. ଡ୍ରୋନ ବହୁଳ ଭାବରେ ବ୍ୟବହାର କରି ଅଧିକ ଲାଭବାନ ହୋଇପାରିବେ। ସରକାରଙ୍କ ତରଫରୁ ଏହାର ଦାମ ଉପରେ ରିହାତି ବ୍ୟବସ୍ଥା ମଧ୍ୟ କରାଯାଇଛି।



## ମୟୂରଭଞ୍ଜ ଜିଲ୍ଲା କୃଷି ପାଣିପାଗ କେନ୍ଦ୍ର

ଜିଲ୍ଲା କୃଷି ପାଣିପାଗ କେନ୍ଦ୍ର, କୃଷି ବିଜ୍ଞାନ କେନ୍ଦ୍ରର ଏକ ବିଶେଷ ଅନୁକଳ୍ପ, ଯାହା ମୟୂରଭଞ୍ଜ ଜିଲ୍ଲା ପାଇଁ କୃଷି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ଓ ଉପଦେଶୀକା ଜାରି କରିବା ସହିତ ଜଳବାୟୁ ସହନଶୀଳ ଓ ଅନୁକୂଳ କୃଷିକୁ ପ୍ରାଧାନ୍ୟ ଦେଇଥାଏ ଏବଂ ଏଥିପାଇଁ ପଦକ୍ଷେପ ନେଇଆସୁଛି। ବିଗତ ବର୍ଷେ ମଧ୍ୟରେ ମୟୁରଭଞ୍ଜ ଜିଲ୍ଲା ଉଦ୍ଦେଶ୍ୟରେ ୨୦୮ଟି କୃଷି ପାଣିପାଗ ଉପଦେଶୀକା ଜାରି କରିଛି ଯାହା ଫଳରେ ମୟୂରଭଞ୍ଜର କୃଷକମାନେ ବିଶେଷ ଉପକୃତ ହୋଇଛନ୍ତି। ଏହା ଛଡା ଜିଲ୍ଲାର ୨୬ ଟି ବ୍ଲକ ପାଇଁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ପାଣିପାଗ ସମ୍ବନ୍ଧୀୟ କୃଷି ବିବରଣୀ ପ୍ରଦାନ କରି ଚାଷୀମାନଙ୍କ ଫସଲ ସୁରକ୍ଷାରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଜିଲ୍ଲା କୃଷି ପାଣିପାଗ କେନ୍ଦ୍ର ତରଫରୁ ଜିଲ୍ଲାର କୃଷକମାନଙ୍କ ନିମନ୍ତେ ୪ଟି କୃଷି ପାଣିପାଗ ସଚେତନତା ଶିବିର ମଧ ଅନୁଷ୍ଠିତ କରାଯାଇଛି ଏବଂ ଏହା ମାଧ୍ୟମରେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଓ ଜଳବାୟୁ ପରିବର୍ତ୍ତନରୁ କୃଷିକୁ କିପରି ବଞ୍ଚାଇ ଚାଷୀମାନଙ୍କ ଆର୍ଥିକ କ୍ଷତି ଏଡାଇ ପାରିବ ସେ



ସଂପର୍କରେ ଆଲୋଚନା କରାଯାଇଛି। କୃଷି ପାଣିପାଗ କେନ୍ଦ୍ର ତରଫରୁ ଭୀଷଣ ସାମୁଦ୍ରିକ ବାତ୍ୟା ଯେପରି 'ଦାନା' ଓ 'ମୋଁଥା' ପାଇଁ ବିଶେଷ ଉପଦେଶୀକା ଜାରି କରାଯାଇଥିବାରୁ ଜିଲ୍ଲାର ବହୁତ ଚାଷୀ ଉପକୃତ ହୋଇଥିଲେ ଏବଂ ମୟୂରଭଞ୍ଜ ଜିଲ୍ଲାର କୃଷି ପାଣିପାଗ କେନ୍ଦ୍ର ତରଫରୁ ପୁରା ରାଜ୍ୟ ପାଇଁ ବିଭିନ୍ନ ସମାଚାର ଚାନେଲ ମାଧ୍ୟମରେ ପାଣିପାଗ ସୂଚନା ପ୍ରଦାନ କରାଯାଇ ଚାଷୀମାନଙ୍କ ଚାଷ ଓ ଆର୍ଥିକ ସୁରକ୍ଷା ପାଇଁ ସବୁବେଳେ ତତ୍ପରତା ଦେଖାଇ ଆସିଛି। କୃଷି ଉପରେ ପାଣିପାଗର କୁପ୍ରଭାବ, ପ୍ରାକୃତିକ ଦୁର୍ବିପାକର ସମସ୍ୟା, ଜଳବାୟୁ ପରିବର୍ତ୍ତନର ପ୍ରଭାବ କମାଇ ଚାଷୀର ଆୟ ସୁରକ୍ଷିତ ରଖିବା ଏହି କେନ୍ଦ୍ରର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଏଥିପାଇଁ ଏହା ସବୁବେଳେ ଚାଷୀମାନଙ୍କ ପାଇଁ ଉତ୍ସର୍ଗିକୃତ।

## ଅପପୁଷ୍ଟି ଦୂର ପାଇଁ ମାଣ୍ଡିଆ ଓ ମୁଗର ମାଲ୍ଟ ପାଉଡର




ଓଡ଼ିଶାରେ ମାଣ୍ଡିଆର ପ୍ରାଧାନ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହାକି ଏହାର ପୈଷ୍ଟିକ ଗୁଣ, ସାଂସ୍କୃତିକ ମହତ୍ତ୍ୱ ଏବଂ ସ୍ୱାସ୍ଥ୍ୟଗତ ଲାଭ ଯୋଗୁଁ ଆଦିବାସୀ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ଲୋକଙ୍କ ପାଇଁ ଏକ ମୁଖ୍ୟ ଖାଦ୍ୟ ହିସାବରେ ଆଦୃତ ଲାଭ କରିଛି। ଏହା ହେଉଛି ଏକ 'ସୁପରଫୁଡ' ଯାହା ଚାଉଳ ଏବଂ ଗହମ ତୁଳନାରେ ଅଧିକ ପୁଷ୍ଟିକର। ବଜାରରେ ମାଣ୍ଡିଆର ଚାହିଦା ସୃଷ୍ଟି କରିବା ନିମନ୍ତେ ଆଜିକାଲି ଏଥବରୁ ବହୁତ ପ୍ରକାରର ମୂଲ୍ୟଯୁକ୍ତ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ କରାଯାଉଅଛି। ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବାଙ୍ଗିରିପୋଷି ବ୍ଲକ୍ ଅଧିନସ୍ଥ ଶାଳବଣୀ, ଅସନ, ଜୁନା ଓ ତାରତାପାଳ ଆଦି ଗ୍ରାମରେ ମାଣ୍ଡିଆ ଓ ମୁଗର ମାଲ୍ଟ ପାଉଡର ଓ ଛତୁଆର ପରୀକ୍ଷଣ କରାଯାଇଥିଲା। ପାରମ୍ପରିକ ପ୍ରଣାଳୀରେ ଏହି ସବୁ ଗ୍ରାମରେ ମାଣ୍ଡିଆ ଜାଉ ଖାଅନ୍ତି। ପରୀକ୍ଷଣରୁ ଦେଖାଗଲା ମାଣ୍ଡିଆ ଓ ମୁଗ ମାଲ୍ଟ ପାଉଡର ଓ ଛତୁଆର ସମ୍ବେଦନଶୀଳ ମୂଲ୍ୟାଙ୍କନ ଯଥାକ୍ରମେ ୭ ଓ ୬ ରହିଥିଲା, ଏବଂ ମାଲ୍ଟ ପାଉଡର ଅପେକ୍ଷାକୃତ ଗ୍ରାମୀଣ ମହିଳାମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ମାଣ୍ଡିଆ ଓ ମୁଗ ମାଲ୍ଟ ପାଉଡରକୁ ମହିଳାମାନେ ସ୍ୱାସ୍ଥ୍ୟକର ପାନୀୟ ହିସାବରେ ଗ୍ରହଣ କରିଥିଲେ। ନିଟ ଲାଭ ମଧ୍ୟ ମାଲ୍ଟ ପାଉଡରର (ଟ୨୧୦୦/-) ଛତୁଆ (ଟ୫୦୦/-ଙ୍କା) ତୁଳନାରେ ଯଥେଷ୍ଟ ଅଧିକ ରହିଥିଲା। ତେଣୁ ଏହାକୁ ମଧ୍ୟ ଅପପୁଷ୍ଟି ଦୂର କରିବା ନିମନ୍ତେ ବ୍ୟବସାୟିକ ଭିତ୍ତିରେ ପାନୀୟ ହିସାବରେ ବିକ୍ରିବଟା କରି ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଧିକ ଲାଭବାନ ହୋଇପାରିବେ।

## ଆଦିବାସୀ କୃଷକ ଭାଇ-ଭଉଣୀଙ୍କ ସେବାରେ ସ୍ୱତନ୍ତ୍ର ଉନ୍ନୟନ ମୂଳକ ଯୋଜନା

କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ ତରଫରୁ ଆଦିବାସୀ ଉନ୍ନୟନ ଯୋଜନା ଦ୍ୱାରା ଆଦିବାସୀ ଅଧ୍ୟୁଷିତ ଏହି ଜିଲ୍ଲାରେ ଆଦିବାସୀ ଭାଇ ଓ ଭଉଣୀମାନଙ୍କର ପୁଷ୍ଟିସାଧନ ସହିତ ଆର୍ଥିକ ସ୍ୱାବଲମ୍ବି ହେବା ନିମନ୍ତେ ୨୦ ଟି ସ୍ୱୟଂସହାୟକ ଗୋଷ୍ଠୀକୁ ଉନ୍ନତ କିସମର ଛତୁମଞ୍ଜି ସମେତ ବିଭିନ୍ନ ଉପାଦାନ ପ୍ରଦାନ କରାଯାଇଥିଲା।



ଏଥିସହିତ କୁକୁଡ଼ା ପାଳନ କ୍ଷେତ୍ରରେ ନିଜ ବାଡ଼ି ଅଗଣାରେ ଚରିବୁଲୁଥିବା ଉନ୍ନତ ପ୍ରଜାତିର ଉଭୟ ମାଂସ ଓ ଅଣ୍ଡାଦିଆ କୁକୁଡ଼ା ଚିଆଁ 'ଅସୀଲ', 'ରେନ୍‌ବେରୁଷ୍ଟର', 'ଆରଆଇଆର୍', 'କଡ଼କନାଥ' ୩୩ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଅମୃତଭଣ୍ଡା ଓ ପନିପରିବାର ଉନ୍ନତ କିସମ ଚାରା ମଧ ୨୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ପ୍ରଦାନ କରାଯାଇ ଆଦିବାସୀ ଭାଇ ଓ ଭଉଣୀ ମାନଙ୍କର କିପରି ଆର୍ଥିକ ଅଭିବୃଦ୍ଧି ହୋଇ ପାରିବ ଏବଂ ଚାଷ କ୍ଷେତ୍ରରେ କିପରି ସେମାନେ ଉନ୍ନତି କରିପାରିବେ ସେଥିପାଇଁ ପଦକ୍ଷେପ ନିଆଯାଇଥିଲା।

Bhanjabhumi Krushak Katha